# NATIONAL NEWS BULLETIN (ODIA)

## 16 March - 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ନିର୍ବାଚନ ତାରିଖ ଘୋଷଣା ।

– ୬ଟି ରାଜ୍ୟର ୮ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପ-ନିର୍ବାଚନ ଘୋଷଣା କଲେ ନିର୍ବାଚନ ଆୟୋଗ ।

- ଲୋକସଭାରେ ଆଜି ରେଳ ଏବଂ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ଅନୁଦାନ ଦାବି ଉପରେ ହେବ ଆଲୋଚନା ।
- କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ୍‌ରେ ଅଗ୍ନିକାଣ୍ଡ ଘଟି ୧୦ ଜଣ ରୋଗୀଙ୍କ ମୃତ୍ୟୁ ।
- ତୈଳ ଦର ହ୍ରାସ କରିବା ଲାଗି ବହୁ ପରିମାଣର ତୈଳ ମୁକ୍ତ କରିବେ ଆନ୍ତର୍ଜାତିକ ଶକ୍ତି ସଂଗଠନର ସଦସ୍ୟ ଦେଶ ।

ଏବଂ

- ଯୁଦ୍ଧତ୍ରସ୍ତ ଦେଶଗୁଡ଼ିକରେ ଅଟକି ରହିଥିବା ଭାରତୀୟଙ୍କୁ ସ୍ୱଦେଶ ଆଣିବା ଲାଗି ଆଜି ଉଡ଼ାଣ କରିବ ୪୮ଟି ବିମାନ ।

# ଇସି-ଆସେମ୍ବ୍ଲି ଇଲେକ୍ସନ୍

ଭାରତୀୟ ନିର୍ବାଚନ ଆୟୋଗ ଆସାମ, କେରଳମ, ପୁଡୁଚେରୀ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ତାରିଖ ଘୋଷଣା କରିଛନ୍ତି । ଆସାମ, କେରଳମ୍, ପୁଡୁଚେରୀ ଏବଂ ତାମିଲନାଡୁରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ହେଉଥିବା ବେଳେ ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟରେ ମତଦାନ ଅନୁଷ୍ଠିତ ହେବ।

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି, ଆସାମ, କେରଳମ ଏବଂ ପୁଡୁଚେରୀରେ ଏପ୍ରିଲ ୯ରେ ଏବଂ ତାମିଲନାଡୁରେ ଏପ୍ରିଲ୍ ୨୩ରେ ଭୋଟ୍ ଗ୍ରହଣ ଅନୁଷ୍ଠିତ ହେବ।

ପଶ୍ଚିମବଙ୍ଗରେ ଏପ୍ରିଲ ୨୩ ଏବଂ ୨୯ ତାରିଖରେ ଦୁଇଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯିବ। ସେଠାରେ ପ୍ରଥମ ପର୍ଯ୍ୟାୟ ୧୫୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଏବଂ ଦ୍ୱିତୀୟ ପର୍ଯ୍ୟାୟ ୧୪୨ଟି ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ କରାଯିବ ।

ଚାରିଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଭୋଟ ଗଣତି ମେ ୪ ତାରିଖରେ ଅନୁଷ୍ଠିତ ହେବ।

ଆସାମ, କେରଳମ ଏବଂ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ଜାରି କରାଯିବ। ତାମିଲନାଡୁ ଏବଂ ପଶ୍ଚିମବଙ୍ଗ

ବିଧାନସଭା ନିର୍ବାଚନ ପ୍ରଥମ ପର୍ଯ୍ୟାୟ ପାଇଁ ଚଳିତ ମାସ ୩୦ ତାରିଖରେ ବିଜ୍ଞପ୍ତି ଜାରି କରାଯିବ। ପଶ୍ଚିମବଙ୍ଗର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ଆସନ୍ତା ଏପ୍ରିଲ୍ ୨ରେ ବିଜ୍ଞପ୍ତି ଜାରି କରାଯିବ।

ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି  ନିର୍ବାଚନ ସୂଚୀ ଘୋଷଣା ସହିତ, ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଆଦର୍ଶ ଆଚରଣ ସଂହିତା ଲାଗୁ ହୋଇଛି।

ସେ କହିଛନ୍ତି, ୮୨୪ ନିର୍ବାଚନମଣ୍ଡଳୀ ରହିଥିବା ପାଞ୍ଚଟି ବିଧାନସଭା ନିର୍ବାଚନରେ ୧୭ କୋଟିରୁ ଅଧିକ ଭୋଟର ମତଦାନ ସାବ୍ୟସ୍ତ କରିବେ । ଏଥିରେ ପଶ୍ଚିମବଙ୍ଗରେ ୬ କୋଟିରୁ ଅଧିକ, ତାମିଲନାଡୁରେ ପ୍ରାୟ ୬ କୋଟି, କେରଳମରେ ପ୍ରାୟ ତିନି କୋଟି, ଆସାମରେ ଦୁଇ କୋଟିରୁ ଅଧିକ ଏବଂ ପୁଡୁଚେରୀରେ ନଅ ଲକ୍ଷରୁ ଅଧିକ ଭୋଟର ଅଛନ୍ତି। ସୂଚନା ଅନୁଯାୟୀ ପ୍ରାୟ ଦୁଇ ଲକ୍ଷରୁ ଅଧିକ ମତଦାନ କେନ୍ଦ୍ର ସ୍ଥାପନ କରାଯିବାକୁ ଥିବାବେଳେ ୨୫ ଲକ୍ଷରୁ ଅଧିକ କର୍ମଚାରୀଙ୍କୁ ନିର୍ବାଚନ କାର୍ଯ୍ୟରେ ନିୟୋଜନ କରାଯିବ।

ଶ୍ରୀ କୁମାର କହିଛନ୍ତି, ପ୍ରତ୍ୟେକ ମତଦାନ କେନ୍ଦ୍ରରେ ସର୍ବାଧିକ ୧ ହଜାର ୨୦୦ ଭୋଟର ରହିବେ ଏବଂ ୨୪ ଘଣ୍ଟିଆ ତଦାରଖ ପାଇଁ ଶତ-ପ୍ରତିଶତ ୱେବକାଷ୍ଟିଂ କରାଯିବ ।

ଶ୍ରୀ କୁମାର ସୂଚନା ଦେଇଛନ୍ତି ଯେ ପଶ୍ଚିମବଙ୍ଗର ୨୯୪ ସଦସ୍ୟ ବିଶିଷ୍ଟ ବିଧାନସଭାର କାର୍ଯ୍ୟକାଳ ଆସନ୍ତା ମେ ୭ରେ, ଆସାମର ୧୨୬ ସଦସ୍ୟ ବିଶିଷ୍ଟ ବିଧାନସଭାର ମେ ୨୦ରେ ଏବଂ କେରଳର ୧୪୦ ସଦସ୍ୟ ବିଶିଷ୍ଟ ବିଧାନସଭାର କାର୍ଯ୍ୟକାଳ ମେ ୨୩ରେ ଶେଷ ହେଉଛି। ସେହିପରି ତାମିଲନାଡୁର ୨୩୪ ସଦସ୍ୟ ବିଶିଷ୍ଟ ବିଧାନସଭାର କାର୍ଯ୍ୟକାଳ ମେ ୧୦ ଏବଂ ପୁଡୁଚେରୀର ୩୦ ସଦସ୍ୟ ବିଶିଷ୍ଟ ବିଧାନସଭାର କାର୍ଯ୍ୟକାଳ ଜୁନ ୧୫ରେ ଶେଷ ହେବ।

## ଇସି-ବାଇପୋଲ୍

ନିର୍ବାଚନ କମିଶନ ଛଅଟି ରାଜ୍ୟରେ ଆଠଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ଘୋଷଣା କରିଛନ୍ତି। ସେହି ବିଧାନସଭା କ୍ଷେତ୍ରଗୁଡ଼ିକ ହେଉଛି ଗୋଆର ପୋଣ୍ଡା, ଗୁଜୁରାଟର ଉମରେଥ, କର୍ଣ୍ଣାଟକର ବାଗଲକୋଟ ଏବଂ ଦାଭାନଗେରେ ଦକ୍ଷିଣ, ମହାରାଷ୍ଟ୍ରର ରାହୁରୀ ଏବଂ ବାରାମତୀ, ନାଗାଲାଣ୍ଡର କୋରିଡାଙ୍ଗ ଏବଂ ତ୍ରିପୁରାର ଧର୍ମନଗର ଆସନ।

ଉପ-ନିର୍ବାଚନ ବିଷୟ ଘୋଷଣା କରି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି, ଗୋଆ, କର୍ଣ୍ଣାଟକ, ନାଗାଲାଣ୍ଡ ଏବଂ ତ୍ରିପୁରାରେ ଉପନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ଜାରି କରାଯିବ ଏବଂ ଆସନ୍ତା

ଏପ୍ରିଲ ୯ ତାରିଖରେ ମତଦାନ କରାଯିବ। ଗୁଜୁରାଟ ଏବଂ ମହାରାଷ୍ଟ୍ରରେ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ଚଳିତ ମାସ ୩୦ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଏପ୍ରିଲ ୨୩ରେ ମତଦାନ ହେବ। ସେ କହିଛନ୍ତି, ଭୋଟ ଗଣତି ମେ ୪ ତାରିଖରେ  ଅନୁଷ୍ଠିତ ହେବ।

## ପାର୍ଲାମେଣ୍ଟ ଟୁଡେ

ଲୋକସଭାରେ ଆଜି ରେଳ ମନ୍ତ୍ରଣାଳୟର ଅନୁଦାନ ଦାବି ଉପରେ ଆଲୋଚନା ଏବଂ ଭୋଟିଂ କରାଯିବ। ଏହା ବ୍ୟତୀତ, କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟର ଅନୁଦାନ ଦାବି ଉପରେ ମଧ୍ୟ ଆଲୋଚନା ହେବ ବୋଲି ଜଣାପଡ଼ିଛି ।

ରାଜ୍ୟସଭାରେ ଆଜି ବ୍ୟୟ ବିଲ୍ ୨୦୨୬ ସମ୍ପର୍କରେ ଆଲୋଚନା ହେବ । ଏହି ବିଲ୍ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଭାରତର ସମନ୍ୱିତ ପାଣ୍ଠିରୁ ଏବଂ ସେଥିରୁ କିଛି ଅଧିକ ପରିମାଣର ଦେୟ ଓ ବ୍ୟୟକୁ ଅନୁମୋଦନ କରିବାର କାର୍ଯ୍ୟସୂଚୀ ରହିଛି ।

## ବଡ଼ମେଡିକାଲ୍‌-ଅଗ୍ନିକାଣ୍ଡ

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ଆଇ.ସି.ୟୁ. ୟୁନିଟ୍‌ରେ ଅଗ୍ନିକାଣ୍ଡ ଘଟିଛି । ଏଥିରେ ୧୦ ଜଣ ରୋଗୀଙ୍କର ପ୍ରାଣହାନୀ ଘଟିଥିବାବେଳେ ୫ ଜଣଙ୍କର ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ପ୍ରାଥମିକ ସୂଚନା ଅନୁଯାୟୀ ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି । ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡ଼ିଛି । ଘଟଣାସ୍ଥଳରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ମୃତ ରୋଗୀଙ୍କ ନିକଟ ସଂପର୍କୀୟ ଲାଗି ୨୫ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

## ଆଇଇଏ-ଅଏଲ୍ ରିଲିଜ୍

ଅନ୍ତର୍ଜାତୀୟ ଶକ୍ତି ସଂଗଠନର ସୂଚନା ଅନୁଯାୟୀ ତୈଳ ଦର ହ୍ରାସ କରିବା ଲାଗି ଏହାର ସଦସ୍ୟ ଦେଶଗୁଡ଼ିକ ଜରୁରୀକାଳୀନ ଭଣ୍ଡାରରୁ ବହୁ ପରିମାଣର ତେଲ ମୁକ୍ତ କରିବେ। ଏକ ବିବୃତ୍ତି ଅନୁଯାୟୀ ଏସିଆ ଏବଂ ଓସେନିଆର ଦେଶଗୁଡ଼ିକ ତୁରନ୍ତ ତେଲ ମୁକ୍ତ କରିବା ଆରମ୍ଭ କରିବେ । ଅନ୍ୟ ପକ୍ଷରେ ୟୁରୋପ ଏବଂ ଆମେରିକାର ତୈଳ ଭଣ୍ଡାରଗୁଡ଼ିକରୁ ଚଳିତ ମାସ ଶେଷ ସୁଦ୍ଧା ତୈଳ ମୁକ୍ତ କରାଯିବ।

ଘୋଷଣା ଅନୁଯାୟୀ ଏହି ସମୟ ମଧ୍ୟରେ ପ୍ରାୟ ୪୦୦ ନିୟୁତ ବ୍ୟାରେଲ ତେଲ ମୁକ୍ତ କରାଯିବ । ଯାହା ୨୦୨୨ରେ ରୁଷ-ୟୁକ୍ରେନ ଆକ୍ରମଣ ପରେ ମୁକ୍ତ ହୋଇଥିବା ୧୮୨ ଦଶମିକ୍ ୭ ନିୟୁତ ବ୍ୟାରେଲ ତୁଳନାରେ ଦୁଇଗୁଣ ଅଧିକ ।

ସଦସ୍ୟ ଦେଶଗୁଡ଼ିକ ସରକାର, ଶିଳ୍ପ ଏବଂ ଅନ୍ୟାନ୍ୟ ଭଣ୍ଡାରରୁ ପ୍ରାୟ ୪୧୨ ନିୟୁତ ବ୍ୟାରେଲ ତୈଳ ମୁକ୍ତ କରିବାକୁ ଥିବା ବେଳେ ସେଥିମଧ୍ୟରୁ ପ୍ରାୟ ୭୨ ପ୍ରତିଶତ ଅଶୋଧିତ ତୈଳ ରହିଛି ।

ଆମେରିକାର ଶକ୍ତି ସଚିବ କ୍ରିସ୍ ରାଇଟ୍ କହିଛନ୍ତି, ଇରାନ ସହିତ ସଂଘର୍ଷ ଆଗାମୀ କିଛି ସପ୍ତାହ ମଧ୍ୟରେ ଶେଷ ହୋଇପାରେ । ତାହା ହେଲେ ବିଶ୍ୱ ତୈଳ ଯୋଗାଣ ପୁନରୁଦ୍ଧାର ହେବା ସହ ଇନ୍ଧନ ମୂଲ୍ୟ ହ୍ରାସ ପାଇବ ।

## କତାର ଆଡଭାଇଜରି

ଦୋହାରେ ଥିବା ଭାରତୀୟ ଦୂତାବାସର ସୂଚନା ଅନୁଯାୟୀ ଆସନ୍ତା ଦୁଇ ଦିନ ପାଇଁ କତାର ଏୟାର୍‌ୱେଜ୍‌ର ତିନୋଟି ବିମାନ ଭାରତକୁ ଉଡ଼ାଣ କରିବ । ସମ୍ପୃକ୍ତ ବିମାନଗୁଡ଼ିକ କତାରରୁ ନୂଆଦିଲ୍ଲୀ, ମୁମ୍ବାଇ ଏବଂ କୋଚିକୁ ଉଡ଼ାଣ କରିବ ବୋଲି ଜଣାପଡ଼ିଛି । ଯାତ୍ରୀମାନେ ସେହି ବିମାନ କମ୍ପାନୀର ୱେବ୍‌ସାଇଟ୍, ମୋବାଇଲ୍ ଆପ୍ କିମ୍ବା ଟ୍ରାଭେଲ୍ ଏଜେଣ୍ଟଙ୍କ

ଜରିଆରେ ଟିକେଟ୍ ବୁକିଂ କରିପାରିବେ । ବୈଧ ଟିକେଟ୍ ନ ଥିଲେ ବିମାନ ବନ୍ଦରକୁ ନ ଆସିବାକୁ ପରାମର୍ଶ ଦିଆଯାଇଛି । କତାର ସ୍ଥିତ ଭାରତୀୟ ଦୂତାବାସର ସୂଚନା ଅନୁଯାୟୀ ସେଠାରେ ଅଟକି ରହିଥିବା ଭାରତୀୟ ନାଗରିକମାନଙ୍କୁ ସୁରକ୍ଷିତ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି ।

## ୱେଷ୍ଟ ଏସିଆ-ଇଣ୍ଡିଆ ଫ୍ଲାଇଟସ୍

ଇସ୍ରାଏଲ, ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ଯୋଗୁଁ ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ମଧ୍ୟରେ, ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ ଆଜି ସମ୍ପୃକ୍ତ ଅଞ୍ଚଳକୁ ଏବଂ ସେଠାରୁ ୪୮ଟି ବିମାନ ଉଡ଼ାଣ କରିବ। ଭାରତର ପ୍ରମୁଖ ସହରରୁ ଜେଦ୍ଦାକୁ ୧୦ଟି ଓ ମସ୍କଟକୁ ୧୨ଟି ବିମାନ ଉଡ଼ାଣ କରିବ ବୋଲି ଜଣାପଡ଼ିଛି ।

ସୂଚନା ଅନୁଯାୟୀ ଏୟାର ଇଣ୍ଡିଆ ଦିଲ୍ଲୀ ଓ ମୁମ୍ବାଇ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ ବେଙ୍ଗାଲୁରୁ, କୋଝିକୋଡ ଏବଂ ମାଙ୍ଗାଲୋରରୁ ବିମାନ ଉଡ଼ାଣ ପରିଚାଳନା କରିବ।

ସ୍ପାଇସଜେଟ୍ ସଂଯୁକ୍ତ ଆରବ ଏମିରେଟ୍ସର ଫୁଜୈରାହରୁ ଭାରତକୁ ଏବଂ ଦୁବାଇରୁ ପୁଣେକୁ ସ୍ୱତନ୍ତ୍ର ବିମାନ ଉଡ଼ାଣ କରୁଛି। ସମ୍ପୃକ୍ତ ଉତ୍ତେଜନା

ମୂଳକ ଅଞ୍ଚଳଗୁଡ଼ିକରେ ଅଟକି ରହିଥିବା ଭାରତୀୟ ନାଗରିକମାନଙ୍କୁ ସ୍ୱଦେଶ ଆଣିବା ଲାଗି ବିମାନ ଉଡ଼ାଣ ଯୋଜନା କରାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ସମ୍ବାଦ ସେବା ବିଭାଗ ପ୍ରତ୍ୟେକ ସୋମବାର ରାତି ୯ଟା ୩୦ରୁ ୧୦ଟା ପର୍ଯ୍ୟନ୍ତ ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ପ୍ରସାରଣ କରିଥାଏ । ଏହି କାର୍ଯ୍ୟକ୍ରମରେ ସ୍ରୋତାମାନେ ପ୍ରଚାର ହେବାକୁ ଥିବା ନିର୍ଦ୍ଦିଷ୍ଟ ବିଷୟ ଉପରେ ଫୋନ୍ ଜରିଆରେ ପ୍ରଶ୍ନ ପଚାରିଥାନ୍ତି । ଆଜି ରାତି ପବ୍ଲିକ୍ ସ୍ପିକ୍‌ରେ କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି **ବିଶ୍ୱ ଉପଭୋକ୍ତା ଦିବସ ଅବସରରେ ଉପଭୋକ୍ତା ଅଧିକାର ଏବଂ ଦାୟିତ୍ୱ** । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରି ପ୍ରଶ୍ନ ପଚାରି ପାରିବେ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

# ଓଡ଼ିଶା-ନର୍ଣ୍ଣାଡୋ

ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଗତକାଲି ପ୍ରବଳ ଘୂର୍ଣ୍ଣିଝଡ଼ ପ୍ରଭାବରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଛି । ଏଥିରେ ଅନ୍ୟ କେତେଜଣ ଗୁରୁତର ଆହତ ହୋଇଥିବା ବେଳେ ଦୁଇ ଶହରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଛି। ପ୍ରବଳ ପବନ ପ୍ରଭାବରେ ଜିଲ୍ଲାର ବାରଟି ଗାଁରେ ଅନେକ ଗଛ ଏବଂ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିଛି। ଗୁରୁତର ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଏହି ଘୂର୍ଣ୍ଣିଝଡ଼ରେ ଚାଳିଶ ଜଣ ସାମାନ୍ୟ ଆହତ ହୋଇଥିବାବେଳେ କରଞ୍ଜିଆ ବ୍ଲକ ଅନ୍ତର୍ଗତ କିଆ ଏବଂ କାଙ୍କଡା ଗ୍ରାମ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ରାଜ୍ୟ ସରକାର ମୃତକଙ୍କ ପରିବାର ପାଇଁ ଚାରି ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି।

ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଆଜି ମୟୂରଭଞ୍ଜ ଜିଲ୍ଲା ପାଇଁ ଏକ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ସୁନ୍ଦରଗଡ଼, କେନ୍ଦୁଝର, ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲା ପାଇଁ ମଧ୍ୟ ସତର୍କତା ଜାରି କରାଯାଇଛି।